SAMBAD
ସମ୍ବାଦ
ulated odia daily

Site is Under Renovation




କଳିଙ୍ଗନଗର ରାସ୍ତା ଖୋଲିଲା: ୨୩୩ ଦିନ ପରେ ୨ ଶହ ନମ୍ବର ଜାତୀୟ ରାଜପଥ ଆଂଶିକ ମୁକ୍ତ ,ଚିକେନ୍‌ଗୁନିଆ: ତିନି ଜିଲ୍ଲାକୁ ପଠ

ତାରିଖ : ୨୪/୮/୨୦୦୬

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

Bhubaneswar Balasore Cuttack Berhampur Jeypore Sambalpur

- Report writing
- Exam result
- Calendar
- VST
- Glamour gallery
- Contact Us
- Art & craft
- Music
- Jobs
- Ayurveda
- Matrimony
- Real-estate
- Yellow pages
- Entertainment
- Horoscope
- Vastu
- Culture & Heritage
- Eminent Personality

- ମୁଖ୍ୟ ପୃଷ୍ଠା
- ମୁଖ୍ୟ ଖବର
- ଅନ୍ୟାନ୍ୟ ଖବର
- କ୍ରୀଡ଼ା ଖବର
- ଜାତୀୟ ଖବର
- ଅନ୍ତର୍ଜାତୀୟ ଖବର
- ମହାନଗର ଖବର
- ରବିବାର ସମ୍ବାଦ
- ବିଜ୍ଞାପନ
- ସଂପାଦକୀୟ
- ସାକ୍ଷାତକାର
- ଆମ ସଂପର୍କରେ
- କଟାକ୍ଷ

ଚକ୍ରିକାର

## ପ୍ରଧାନମନ୍ତ୍ରୀଙ୍କ ଗସ୍ତକ୍ରମ ଚ...

ପ୍ରଧାନମନ୍ତ୍ରୀଙ୍କ ଗସ୍ତକ୍ରମ ଚୂଡାନ୍ତ ଭୁବନେଶ୍ୱର(ଇମିସ): ପ୍ରଧାନମନ୍ତ୍ରୀଙ୍କ ଓଡିଶା ଗସ୍ତ କାର୍ଯ୍ୟକ୍ରମ ଗତକାଲି ଚୂଡାନ୍ତ ହୋଇଛି । ଏ ସଂପର୍କରେ ସରକାରୀ ଭାବେ ଚିଠି ଦ ଆଯାଇ ନ ଥିଲେ ମଧ୍ୟ ନୂଆଦିଲ୍ଲୀସ୍ଥିତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏ ନେଇ ସୂଚନା ମିଳିଛି । ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଓଡିଶା ଗସ୍ତ ଲାଗି ୩ଟି ବୁଲେଟ୍ ପ୍ରୁଫ୍ ଗାଡ଼ି ଟ୍ରେନ୍ ଯୋଗେ ଅଣା ଯାଉଥିବା ସରକାରୀ ସୂତ୍ରରୁ ଜଣାପଡିଛି । ପ୍ରଧାନମନ୍ତ୍ରୀ ନକ୍ସଲ ତଥା ମାଓବାଦୀ ଅଧ୍ୟୁଷିତ କୋରାପୁଟ, ବଲାଙ୍ଗୀର ଓ ଅନୁଗୁଳର କଣିହାଁ ଅଞ୍ଚଳକୁ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବାରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି । ଯାହା ଜଣାପଡିଛି, ୨୮ ତାରିଖ ଦିନ ସକାଳେ ପ୍ରଧାନମନ୍ତ୍ରୀ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ପହଞ୍ଚିବେ । ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ହେଲିକପ୍ଟର ଯୋଗେ କଣିହାଁ ଯାଇ ଜାତୀୟ ତାପଜ ବିଦ୍ୟୁତ ନିଗମ ଦ୍ୱାରା ପ୍ରତିଷ୍ଠିତ ସୁପର ଥର୍ମାଲ ପ୍ରକଳ୍ପକୁ ଲୋକାର୍ପଣ କରିବେ । ସେଠାରୁ ଫେରିଆସି ସିଜୁଆଠାରେ ଏମ୍ସ ଶୁଭ ଦିଆଯାଇଥିବା ସ୍ଥାନ ବୁଲି ଦେଖିବେ ଓ ଭୁବନେଶ୍ୱରଠାରେ ଜାତୀୟ ବିଜ୍ଞାନ କେନ୍ଦ୍ର ଶୁଭ ଦେବେ । ଅପରାହ୍ନରେ ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ କଂଗ୍ରେସ କର୍ମୀ ସମାବେଶରେ ଉଦ୍‌ବୋଧନ ଦେବେ । ପରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସହିତ ଓଡିଶାର ବିକାଶ ସର୍କରେ ବିଶଦ ଆଲୋଚନା କରିବେ । ୨୯ ତାରିଖରେ ପ୍ରଧାନମନ୍ତ୍ରୀ ହେଲିକପ୍ଟର ଯୋଗେ ପ୍ରଥମେ ଓଡିଶାର ବନ୍ୟା ପ୍ରଭାବିତ ଜିଲ୍ଲାଗୁଡିକ ବୁଲି ଦେଖିବେ । ପରେ ସେ ବଲାଙ୍ଗୀର ଯିବେ । ସେଠାରେ ଗୋଟିଏ ଡାକ୍ତରଖାନା, ପଞ୍ଚାୟତ ଓ ଅନ୍ୟ କେତେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଦେଖିବେ । ସେଠାରୁ କୋରାପୁଟ ଯାଇ କେବିକେ ଯୋଜନା ଖର୍ଚ୍ଚ ହୋଇଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବେ । ପରେ ସେଠାରେ କେବିକେରେ ଅର୍ଥ ଖର୍ଚ୍ଚ ଉପରେ ସମୀକ୍ଷା କରିବେ । ସେଠାରୁ ପ୍ରଧାନମନ୍ତ୍ରୀ ସିଧାସଳଖ ଭାଇଜାକ୍ ଯିବେ । ତେବେ ପ୍ରଧାନମନ୍ତ୍ରୀଙ୍କ ଓଡିଶା ଗସ୍ତକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ପ୍ରଧାନମନ୍ତ୍ରୀଙ୍କ ଓଡିଶା ଗସ୍ତ କିପରି ଭଲରେ ଭଲରେ ସରିବ, ସେଥିଲାଗି ଆବଶ୍ୟକ ପଦକ୍ଷେପ










ନେବାଲାଗି ଆଜି ସଚିବାଳୟରେ ମୁଖ୍ୟସଚିବ ଓ ପୁଲିସ ମହାନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ 'ଜେଡ୍ ପ୍ଲସ୍' ସୁରକ୍ଷା ଭୁକ୍ତ ହୋଇଥିବାରୁ 'ନୀଳ ବହି' ଅନୁସାରେ ସୁରକ୍ଷା କର୍ମୀ ନିୟୋଜିତ ହେବେ । ମାତ୍ର କୋରାପୁଟ ଜିଲ୍ଲା ପାଇଁ ଅଧିକ ଫୋର୍ସ ମୁତୟନ କରାଯିବା ଲାଗି ସ୍ଥିର ହୋଇଛି । ସେହିଭଳି ରାଜ୍ୟ ଅତିଥି ଭବନଠାରୁ ଆରମ୍ଭ କରି ରାଜଭବନ ପର୍ଯ୍ୟନ୍ତ ସବୁସ୍ଥାନରେ ଆବଶ୍ୟକ ପଦକ୍ଷେପ ନେବା ଲାଗି ନିଷ୍ପତ୍ତି ନିଆଯାଇଛି । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ସ୍ପେସାଲ୍ ପ୍ରୋଟେକସନ୍ ଗ୍ରୁପ୍(ଏସପିଜି) ଦଳ ଆଜି ଭୁବନେଶ୍ୱର ଓ କଣିହାଁ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିବେ ବୋଲି ପୁଲିସ ମୁଖ୍ୟାଳୟ ସୂତ୍ରରୁ ସୂଚନା ମିଳିଛି । ଆଜିର ବୈଠକରେ ଅନ୍ୟ ବିଭାଗ ଅଧିକାରୀମାନଙ୍କ ସହିତ ଆଲୋଚନା କରାଯାଇଛି ଓ ବିଦ୍ୟୁତ, ଜଳ ସେବା ଆଦିରେ ଯେପରି କୌଣସି ତ୍ରୁଟି ନହୁଏ ସେ ଦିଗରେ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ମୁଖ୍ୟଖବର

- ଲୋକସଭାରେ ମାରପିଟ୍, ଖାରବେଳ ସ୍ୱାଇଁ ଆଘାତରୁ ବର୍ତ୍ତିଲେ, ଜେଡିୟୁ ନେତା ପ୍ରଭୁନାଥଙ୍କ ଇସ୍ତଫା
- ପ୍ରଧାନମନ୍ତ୍ରୀଙ୍କ ଗସ୍ତକ୍ରମ ଚୂଡାନ୍ତ
- ନୂଆଖାଇ-ଦୁର୍ଗାପୂଜା ଭେଟି, ସରକାରୀ କର୍ମଚାରୀଙ୍କୁ ଆଗୁଆ ଦରମା
- ହାଇକୋର୍ଟ ଆଦେଶନାମାର ଜାଲିଆତି, ତିନି ହତ୍ୟା ଆସାମୀ ବେଲ୍ ନେଇ ଫେରାର, ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ
- ଆଉ ନବଗ୍ରହ ନୁହେଁ, ଅଷ୍ଟଗ୍ରହ
- ୨୩୩ ଦିନ ପରେ କଳିଙ୍ଗନଗର ରାସ୍ତା ଖୋଲିଲା
- ଭୁବନେଶ୍ୱର, ୨୪ ।୮ (ଇମିସ): ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହ ଏନ୍‌ଟିପିସିର ସଂପ୍ରସାରଣ ୟୁନିଟ୍‌କୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ପାଇଁ ଓଡିଶା ଆସୁଥିବା ଜାଣି ଆଜି ମୁଖ୍ୟମନ୍ତ୍ରୀ ଆଗତୁରା ଏକ ଲମ୍ବା ଦାବି ପତ୍ର ତିଆରି କରିଛନ୍ତି । ରାଜ୍ୟରେ ବିପୁଳ ପରିମାଣର କୋଇଲା ମହଜୁଦ୍ ଥିବାରୁ ଓଡିଶାରେ ବୃହତ୍ ବିଦ୍ୟୁତ ପ୍ରକଳ୍ପ ପ୍ରତିଷ୍ଠାକୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିଛନ୍ତି ଓ ଏହି ପ୍ରକଳ୍ପରୁ ରାଜ୍ୟକୁ ତାର ନ୍ୟାର୍ଯ୍ୟ ପ୍ରାପ୍ୟ ଦିଆଯିବା ଆବଶ୍ୟକ ବୋଲି କହିଛନ୍ତି । ଏଥିରୁ ଉତ୍ପାଦିତ ବିଦ୍ୟୁତ ମଧ୍ୟରୁ ୧୩୦୦ ମେଗାୱାଟ୍ ଶକ୍ତି ରାଜ୍ୟକୁ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ବାହାରକୁ ରପ୍ତାନି ହେବାକୁ ଥିବା ବିଦ୍ୟୁତ ଶକ୍ତିରୁ ୟୁନିଟ୍ ପିଛା ୬ପଇସା ରାଜ୍ୟ ସରକାରକୁ ପ୍ରଦାନ କରିବା ପାଇଁ ପ୍ରାକ୍ ସର୍ତ୍ତ ରଖାଯିବା ଆବଶ୍ୟକ । ସେହିଭଳି ବିଦ୍ୟୁତ ପ୍ରକଳ୍ପ ଦ୍ୱାରା ବ୍ୟାପକ ପରିବେଶ ପ୍ରଦୂଷଣ ହେଉଥିବାରୁ ପ୍ରଦୂଷଣ ଜନିତ ସମସ୍ୟା ସମାଧାନ ପାଇଁ ଏକ ପରିବେଶ ପରିଚାଳନା ପାଣ୍ଠି ଗଠନ କରିବା ଲାଗି ମଧ୍ୟ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ପ୍ରସ୍ତାବ ଦେଇଛନ୍ତି ।

## ଅନ୍ୟାନ୍ୟ ଖବର

ବିତର୍କ/ମତାମତ ସଂଗ୍ରହ

**କେନ୍ଦ୍ରରେ ଉପା ସରକାରର ସ୍ଥିତି ଟଳମଳ କି?**

- ହଁ
- ନା
- ଅନ୍ୟାନ୍ୟ

Vote

ଫଳାଫଳ

**News letter**

**Newsletter Signup**









ମରୁଡ଼ି
ବନିଆଁ
ସମ୍ବାର

Name*

Email*

Subscribe

Unsubscribe

ନମ୍ବର
ଯାଉସୁ
ପାଲଟି
ଚୁମ୍ବନ
ଚିକେ

**Site is Under Renovation.**
**The Error Will be Rectified Soon.**

** You can Put your Scrolling Ad's here, for more information contact sambad@orissasambad.com

**Copyright © 2006 orissasambad.com**
**This site is Best Viewed by : Internet Explorer**